ପ୍ରେସ୍‌ନୋଟ୍

# ଜିଲ୍ଲା ସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ।

## ଅନୁଷ୍ଠିତ ହେଲା ସହରରେ ଶୋଭାଯାତ୍ରା ।

ଅନୁଗୋଳ,ତା.୦୨.୦୪: ୮୮ତମ ପବିତ୍ର ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ଗତକାଲି ଅନୁଗୋଳରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ରାଜ୍ୟ ସରକାରଂକ ଦ୍ୱାରା ସ୍ବିକୃତ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ବବିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହରରେ ଥିବା ବରପୁତ୍ରମାନଂକ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ସନ୍ଧ୍ୟାରେ ସ୍ଥାନୀୟ ସଭାଘର ଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶାର ବରପୁତ୍ରମାନଂକର ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଓଡିଆ ଭାଷା,ସାହିତ୍ୟ,ସଂସ୍କୃତି,ପରମ୍ପରା ଓ ଇତିହାସକୁ ଉଜ୍ଜିବୀତ ରଖିବା ପାଇଁ ଆଜିର ଦିବସକୁ ପ୍ରତ୍ୟେକ ବର୍ଷ ଆମର ଚିରନମସ୍ୟ ବରପୁତ୍ରମାନଙ୍କର କାର୍ଯ୍ୟାବଳୀକୁ ମନେପକାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଜନସାଧରଣଙ୍କୁ ଅନୁରୋଧ କରିଥିଲେ । ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନ ସଭାର ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଡ.ଧରଣୀଧର ନାଥଙ୍କ ଲିଖିତ ପୁସ୍ତକ 'ଅନୁଗୋଳର ଧର୍ମଧାରା' କୁ ଉନ୍ମୋଚନ କରିବା ସହ ଏହି ବିଶାଳ ଆଠଶହ ପୃଷ୍ଠାର ପୁସ୍ତକକୁ ଆଠ ପୃଷ୍ଠାରେ ସଂକ୍ଷିପ୍ତ କରି କିପରି ଅନୁଗୋଳର ପ୍ରତ୍ୟେକ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ପ୍ରଚେଷ୍ଟା କରିବାକୁ ଆହ୍ୱାନ କରିଥିଲେ । ଏଥିସହ ଅନୁଗୋଳ ଜିଲ୍ଲାର ମାନ୍ୟତା ପାଇବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଅନୁଗୋଳର ସାମଗ୍ରିକ ବିକାଶ ଉପରେ ଏକ ଗବେଷଣାତ୍ମକ ପୁସ୍ତକ ରଚନା କରି ଲୋକଲୋଚନକୁ ଆଣିଲେ କେଉଁ ଦିଗରେ ବିକାଶ କରିବା ପାଇଁ ଆହୁରି ପ୍ରଚେଷ୍ଟା ଆବଶ୍ୟକ ହେଉଛି ତାହା ଉପରେ ସରକାର ଏବଂ ଜନସାଧାରଣ ଉଭୟ ଜିଲ୍ଲାକୁ ବିକଶିତ କରିବା ଦିଗରେ ପ୍ରଚେଷ୍ଟା ଜାରି ରଖିବେ ବୋଲି ଆଶାବ୍ୟକ୍ତ କରିଥିଲେ । ଉକ୍ତ ସାଧାରଣ ସଭାରେ ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ଯୋଗ ଦେଇ ଅନୁଗୋଳ ମାଟିକୁ ଏକ ସ୍ୱର୍ଣ୍ଣପ୍ରସୂ ଭୁମି ଭାବେ ବର୍ଣ୍ଣନା କରିବା ସହ ଏ ମାଟିରେ ଗଢି ଉଠିଥିବା କଳକାରଖାନା, କୃଷି କ୍ଷେତ୍ର,ଶିକ୍ଷା, ମହିଳା ସଶକ୍ତିକରଣ,ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସାରା ଓଡିଶାର ଅନେକ ଜିଲ୍ଲା ମାନଙ୍କ ମଧ୍ୟରେ ନିଜର ଉତ୍କର୍ଷ ପ୍ରତିପାଦିତ କରିପାରିଛି । ଏଠିକାର ପ୍ରଶାସନ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସୁପରିଚାଳନା କରି ଲୋକାଭିମୁଖୀ ହୋଇପାରିଛନ୍ତି । ଆଗକୁ ବିକାଶର ଧାରା ଅବ୍ୟାହତି ରଖିବା ପାଇଁ ସେ ଉପସ୍ଥିତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କୈଳାଶ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଡାକବାଜୀ ଯନ୍ତ୍ର ଯୋଗେ ବଜାଯାଇ ସହର ପରିକ୍ରମା କରାଯାଇଥିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନର

ଛାତ୍ର ଛାତ୍ରୀମାନଂକ ଦ୍ୱାରା ପ୍ରଭାତ ଫେରୀ କରାଯାଇଥିଲା । ଏହି ଅବସରରେ ପୂର୍ବାହ୍ନରେ ମୁଖ୍ୟ ଅତିଥି ଏବଂ ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତି,ସାମ୍ବାଦିକ,ସମାଜସେବୀ, ପ୍ରଶାସନିକ ଅଧିକାରୀ ବୃନ୍ଦ ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରେ ଥିବା ସମସ୍ତ ବରପୁତ୍ରମାନଙ୍କ ଠାରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଅନୁଗୋଳ ଉଚ୍ଚ ବିଦ୍ୟାଳର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥିଲା । ଏହି ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ରୋଗୀମାନଂକୁ ଫଳ ବଣ୍ଟନ ଓ ରକ୍ତ ଭଣ୍ଡାର ଠାରେ ଜିଲ୍ଲା ରକ୍ତଦାତା ସଂଘ ଓ ପତଞ୍ଜଳୀ ଯୋଗ ସମିତିର ମିଳିତ ଆନୁକୁଲ୍ୟରେ ଆୟୋଜିତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସର ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅପରାହ୍ନରେ ଅନୁଗୋଳ ଜିଲ୍ଲାର ବିକାଶର ଚିତ୍ର ବହନ କରୁଥିବା ଏକ ପ୍ରଜ୍ଞାପନ ମେଢ ସହିତ ଯୋଡି ମହୁରୀ ଦଳ, ମହିଳା ସଂକିର୍ତ୍ତନ ଦଳ,ପାଇକ ଆଖଡା ଦଳ, ଲଉଡି ଦଳ ଏବଂ ଜିଲ୍ଲାର ସାଧାରଣ ନାଗରିକଙ୍କ ସମେତ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରାଥିଲା । ଏହି ଶୋଭାଯାତ୍ରା ଶୈଳ ଶ୍ରୀକ୍ଷେତ୍ର ଠାରୁ ବାହାରି ବି.ଇ.ଡି କଲେଜ ଛକ - ସର୍କିଟ ହାଉସ୍- ଟ୍ରାଫିକ୍ ଛକ - ଜେଲ୍ ଛକ - ବଜାର ଛକ- ପୁରୁଣା ସୂଚନା କେନ୍ଦ୍ର ଛକ ଦେଇ ସଭାଘର ଠାରେ ସମବେତ ହୋଇ ସନ୍ଧ୍ୟା ୬ ଘଟିକା ସମୟରେ ସାଧାରଣ ସଭା,ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିଲେ । ସନ୍ଧ୍ୟା ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡିଶାର ବରପୁତ୍ରମାନଙ୍କର ଜିବନୀକୁ ନେଇ ଏକ ପ୍ରାମାଣିକ ଚଳଚିତ୍ର ଏବଂ ଅନୁଗୋଳ ଜିଲ୍ଲାର ବିକାଶର ଚିତ୍ର ଏଲ୍ ଇ ଡି ସ୍କ୍ରିନ୍ (ଇ ୱାଲ) ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା । ଏହାକୁ ଜନସାଧାରଣ ଭୂୟସି ପ୍ରଶଂସା କରିଥିଲେ । ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯିବା ସହ ପୂର୍ବରୁ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ସମାଜର ବହୁମୂଲ୍ୟ ସେବା ପାଇଁ ଶ୍ରୀ ଗିରିଶ ଚନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷକ, ହାଟତୋଟା,ବୀରାଦରପଡା ପ୍ରାଥମିକ ବିଦ୍ୟାଳୟ,ତାଳଚେର ଓ ଶ୍ରୀ ସୁରେଶ ଚନ୍ଦ୍ର ପଟ୍ଟନାୟକ,ସହକାରୀ ଶିକ୍ଷକ ଦେଉଳବେଡା, କୋଲିୟାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କୁ ୨୦୧୭ ମସିହା ପାଇଁ ଶ୍ରେଷ୍ଠ ଶିକ୍ଷକ ଭାବେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଚେକ୍ ଓ ରାଜ୍ୟ ଶିକ୍ଷକ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷା ଅମାନ୍ତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରି ଏହାକୁ ସାଫଲ୍ୟମଣ୍ଡିତ କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୨୮୪ ତା. ୦୨.୦୪.୨୦୨୩ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.04.02 20:02





ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ସମାରୋହ
ବନ୍ଦେ ଉତ୍କଳ ଜନନୀ


ଓଡ଼ିଶା ଦିବସ ଓ
ସୌଜନ୍ୟ- ଜିଲ୍ଲା ପ୍ରଶାସନ ଏବଂ

